# Akashvani, Sambalpur

## SAMBALPURI NEWS EVENING BULLETIN

## 4 February 2026 - 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ ଗଠନ୍ ଲାଗି ମହିଳାମାନ୍‌କୁ ଆର୍ଥିକ୍ ଭାବେ ବର୍‌କସ୍ କର୍‌ବାର୍‌ଟା ଜରୁରୀ- କହେଲେ ରାଷ୍ଟ୍ରପତି ।

- ରାଇରଙ୍ଗ୍‌ପୁର୍ ନ ଭିନ୍ ଭିନ୍ ଉନ୍ନୟନ୍ ମୂଳକ୍ ପ୍ରକଳ୍ପର୍ କଲେ ଶୁଭାରମ୍ଭ ।

୨- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍‌ଠାନୁ ମୁଲ୍ ହେବା ବ୍ଲାକ୍ ସ୍ୱାନ୍ ସମ୍ମିଟ୍ ।

୩- ରାଏଜେ ହ୍ୱାଟ୍‌ସ୍‌ଆପ୍‌ଥି ମିଳିପାର୍‌ବା ରାଜସ୍ୱ ସେବା ।

- ଆଏବା କାଏଲ୍ ଇ ସେବାର୍ ଶୁଭାରମ୍ଭ କର୍‌ବେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଓଡ଼ିଶା ପୁଲିସ୍ ତର୍‌ଫୁ ଅପରେସନ୍ ଅନ୍ୱେଷଣ -୨ ଜରିଏ ୫ ହଜାର୍ ୪ ଶହ ୫୧ ଝନ୍ ନିଖୋଜ୍ ବ୍ୟକ୍ତି ହେଲେ ଉଦ୍ଧାର୍ ।

ରାଷ୍ଟ୍ରପତି-ରାଇରଙ୍ଗ୍‌ପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଏଛେନ୍ ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍ ଉପ୍‌ରେ ଜୋର୍ ଦଉଛନ୍ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ କର୍‌ବାର୍ ଲାଗି ମହିଳାମାନ୍‌କୁ ଆର୍ଥିକ୍ ଭାବେ ବର୍‌କସ୍ କର୍‌ବାର୍‌ଟା ଜରୁରୀ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ଠାନେ ଆଏଜ୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ୍ ଅବ୍‌ସରେ ରାଷ୍ଟ୍ରପତି କହିଛନ୍, ଶିକ୍ଷାର୍ ବିକାଶ୍ ହେଲେ ହିଁ ଦେଶର୍ ବିକାଶ୍ ହେଇପାର୍‌ବା । ଶିକ୍ଷା ହେଉଛେ ପ୍ରଗତିର୍ ପୁଞ୍ଜି । କେନ୍ଦ୍ର ସର୍‌କାର୍ ଶିକ୍ଷା ବ୍ୟବସ୍ଥାଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର୍ ଆନିଛନ୍ । ଆଦିବାସୀମାନ୍‌କର୍ ଉନ୍ନତି ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯିବାର୍ ସହେତେ ବହୁତ୍‌ଟେ ଯୋଜ୍‌ନା ତିଆର୍ କରାଯାଉଛେ ।

(ଭଏସ୍ ଓଭର୍-ରାଷ୍ଟ୍ରପତି)

ଭାରତ୍‌ର ଇତିହାସ୍ ବହୁତ୍ ଗୌରବ୍‌ପୂର୍ଣ୍ଣ । ଇତିହାସ୍‌ର ସଂରକ୍ଷଣ୍ ଲାଗି ଭିନ୍ ଭିନ୍ ସଂଗ୍ରହାଳୟ ଥାପ୍‌ନା କରାଯିବାର୍ ସହେତେ ଅନୁସନ୍ଧାନ୍‌କେ ଜୋର୍ ଦିଆଯାଉଛେ । ଅନ୍ତ୍ୟୋଦୟର୍ ଉତ୍‌ଥାନ ସମାଜ୍‌ର ଶେଷ୍‌ସ୍ତରର୍ ଲୁକ୍‌କର୍ ପାଖିକେ ବିକାଶ୍

ପୁହୁଁଚାବାର୍‌ଟା ସର୍‌କାର୍‌ଙ୍କର୍‌ ଲକ୍ଷ୍ୟ ଆଏ । ଇଥିର୍‌ଲାଗି ଲୁକ୍‌କର୍‌ ସହଯୋଗ୍‌ ଆଉ ସହଭାଗିତା ବହୁତ୍‌ ଜରୁରୀ ଆଏ ।

ସର୍‌କାର୍‌ ଆଉ ଲୁକ୍‌କର୍‌ ଭିତ୍‌ରେ ଠିକ୍‌ ତାଲ୍‌ମେଲ୍‌ ରହେଲେ ଯାଇକରି ସର୍‌କାରୀ ଯୋଜ୍‌ନାର୍‌ ଶହେ ପ୍ରତିଶତ୍‌ ଲାଭ୍‌ ହିତାଧିକାରୀମାନ୍‌କର୍‌ ପାଖିକେ ପୁହୁଁଚିପାର୍‌ବା ବଲି ରାଷ୍ଟ୍ରପତି କହିଛନ୍‌ ।

(ଭଏସ୍‌ ଓଭର୍‌- ରାଷ୍ଟ୍ରପତି)

ରାଷ୍ଟ୍ରପତି ଆଏଜ୍‌ ରାଇରଙ୍ଗ୍‌ପୁର୍‌ ଠାନେ ତୀରନ୍ଦାଜୀ କେନ୍ଦ୍ର, ହଲିଡେ ହୋମ୍‌, ଆୟୁସ୍‌ ଚିକିତ୍ସାଲୟ ଆଉ ଆୟୁର୍ବେଦିକ୍‌ ମହାବିଦ୍ୟାଳୟ, ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ କେମ୍ପସ୍‌, ସହର୍‌ ସୌନ୍ଦର୍ଯ୍ୟକରଣ୍‌, ଜଳନିଷ୍କାସନ୍‌ ବ୍ୟବସ୍ଥାର୍‌ ଉନ୍ନତିକରଣ୍‌, ସାଂସ୍କୃତିକ୍‌ କେନ୍ଦ୍ର, ରାଇରଙ୍ଗପୁର୍‌ ମହାବିଦ୍ୟାଳୟ ନ ୩ ଶହ ୨୦ ଶଯ୍ୟା ଛାତ୍ରୀନିବାସ୍‌ର ଭିତିପ୍ରସ୍ତର୍‌ ଥାପ୍‌ନା କରିଛନ୍‌ ।

ରାଷ୍ଟ୍ରପତି ଆଏଜ୍‌ ସଖାଲେ ପୁରୀ ଶ୍ୱେତଗଙ୍ଗା ନ ନିଜର୍‌ ପିତୃପୁରୁଷଙ୍କୁ ପିଣ୍ଡଦାନ୍‌ କର୍‌ବାର୍‌ ଉତ୍‌ରୁ ଶ୍ରୀମନ୍ଦିର୍‌ ଯାଇକରି ମାହାପୁରୁଙ୍କୁ ଦର୍ଶନ୍‌ କରିଥିଲେ । ସେନୁ ରାଷ୍ଟ୍ରପତି ରାଇରଙ୍ଗ୍‌ପୁର୍‌ ଯାଇକରି ଏସ୍‌ଏସ୍‌ଡି ହାଇସ୍କୁଲ୍‌ର ପ୍ଲାଟିନମ୍‌ ଜୁବ୍‌ଲି ସମାରୋହଥି ଯୋଗ୍‌ ଦେଇକରି ଛାତ୍ରଛାତ୍ରୀ ଆଉ ଶିକ୍ଷକ୍‌ମାନ୍‌କର୍‌ ସାଙ୍ଗେ ଭାବ ବିନିମୟ କରିଥିଲେ । ଇ ଅବ୍‌ସରେ ରାଷ୍ଟ୍ରପତି ଓଡ଼ିଶାର୍‌ ପହେଲା ଆଦିବାସୀ ମନ୍ତ୍ରୀ

ଭଞ୍ଜବୀର ସୁନାରାମ୍ ସୋରେନ୍ଙ୍କର୍ ପ୍ରତିମୂର୍ତିକେ ଉନ୍ମୋଚନ୍ କରିଥିଲେ ।

ବ୍ଲେକ୍ ସ୍ୱାନ୍ ସମିଟ          I & P R

ଓଡ଼ିଶା ସର୍କାର୍ ଆଉ ଗ୍ଲୋବାଲ୍ ଫାଇନାନ୍ସ ଏଣ୍ଡ ଟେକ୍ନୋଲୋଜି ନେଟ୍ୱାର୍କର ମିଲିତ୍ ସହଯୋଗ୍ଥି ଆଏବା କାଏଲ୍ଠାନୁ ଭୁବ୍ନେଶ୍ୱର୍ ନ ୨ ଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଟ୍ ମୁଲ୍ ହେଉଛେ । ଇ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରମୁଖ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଓଡ଼ିଶାକେ ବିଶ୍ୱସ୍ତରୀୟ ଡିଜିଟାଲ୍ ଫାଇନାନ୍ସ ହବ୍ କର୍ବାର୍ଟା ଇ ସମ୍ମିଲନୀର୍ ମୁଖିଆ ଉଦ୍ଦେଶ୍ ଆଏ । ଇ ସମ୍ମିଳନୀଥି ଅର୍ଥନୀତି, ଟେକ୍ନୋଲୋଜି, ଶିକ୍ଷା, ଆଉ ନୀତି ନିର୍ଦ୍ଧାରଣ କ୍ଷେତ୍ରଥି ଆଲୋଚନା କରାଯିବା । ଇ ସମ୍ମିଲନୀଥି ୨୪ ଟା ଦେଶର୍ ୧୭ ଶହ ନୁ ଅଏତ୍କା ପ୍ରତିନିଧି ଯୋଗ୍ ଦେବେ । ଇତାର୍ସହେତେ ଉତର୍ ଆମେରିକା, ଦକ୍ଷିଣ ଆମେରିକା, ୟୁରୋପ୍, ଏସିଆ ବାଗିର୍ ୫ ଟା ମହାଦେଶ୍ର ଶହେ ଝନ୍ ବକ୍ତା ଯୋଗ୍ ଦେଇକରି ନିଜର୍ ବକ୍ତବ୍ୟ ରଖିବେ । ବିଶ୍ୱେସ୍ତରୀୟ ଉଦ୍ୟୋଗୀ, ନିବେଶ୍କାରୀ ଆଉ ନୀତିନିର୍ଦ୍ଧାରକ ମାନେ ଇ ସମ୍ମିଲନୀଥି ଏକ୍ଜୁଟ୍ ହେଇକରି ଭିନ୍ ଭିନ୍ ବିଷେ ଉପ୍ରେ ଆଲୋଚନା କର୍ବେ । ଇଥି ନିଯୁକ୍ତି ଆଉ ଦକ୍ଷତା ଆଉ

ବିଶ୍ୱ ଦକ୍ଷତା କେନ୍ଦ୍ର ଉପ୍‌ରେ ଏ.ଆଇ. ର ପ୍ରଭାବ୍ ବିଷୟବସ୍ତୁ ଉପ୍‌ରେ ଆଲୋଚନା କରାଯିବା ।

ରାଜସ୍ୱ ସେବା- ହ୍ୱାଟ୍‌ସ୍‌ଆପ୍ ଆର୍‌ଏନ୍‌ୟୁ/ ସମ୍ୱଲପୁର

ରାଏଜେ ଏତ୍‌କର ରାଜସ୍ୱ ସେବା ହ୍ୱାଟ୍‌ସ୍‌ଆପ୍‌ଥି ମିଲିପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଜମିଜମା ବାବଦ୍‌ର ସବୁ ଅଭିଯୋଗ୍ ଆଉ ଆବେଦନ୍ ହ୍ୱାଟ୍‌ସ୍‌ଆପ୍ ଜରିଏ ଗ୍ରହଣ୍ କରାଯିବା । ଧାରିଜ୍ ସମିଆ ଭିତ୍‌ରେ ସମସ୍ୟାର୍ ସମାଧାନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇ ସେବା ଜରିଏ ଦୁର୍ନୀତି ବନ୍ଦ୍ ହେବାର୍ ସହେତେ ତହସିଲ୍ ଅଫିସ୍‌କେ ବାର୍ ବାର୍ ଯିବାର୍‌କେ ନାଇଁ ପଡ଼େ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଲୁକ୍‌କର୍ କାମ୍ ନାଇଁ ହେଲେ ବିଭାଗୀୟ ମନ୍ତ୍ରୀଙ୍କୁ ହ୍ୱାଟସ୍‌ଆପ୍ ଜରିଏ ଅଭିଯୋଗ୍ କରିପାର୍‌ବେ । ଦୁର୍ନୀତି ଅଭିଯୋଗ୍ ଆସ୍‌ଲେ ସଂପୃକ୍ତ ଅଧିକାରୀଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ । ଆଏବାକାଏଲ୍ ଇ ହ୍ୱାଟ୍‌ସ୍‌ଆପ୍ ସେବାକେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅପରେସନ୍ ଅନ୍ୱେଷଣ୍-୨ ଆର୍‌ଏନ୍‌ୟୁ/ ସମ୍ୱଲପୁର

ଓଡ଼ିଶା ପୁଲିସ୍ -ଅପରେସନ୍ ଅନ୍ବେଷଣ୍-୨ ଜରିଏ ଗଲା ୮ ଦିନ୍ ଭିତ୍‌ରେ ରାଜ୍ୟର୍ ୫ ହଜାର୍ ୪ ଶହ ୫୧ ଝନ୍ ନିଖୋଜ୍ ଲୁକ୍‌କୁ ସୁରକ୍ଷିତ୍ ଭାବେ ଉଦ୍ଧାର୍ କରିଛେ । ରାଜ୍ୟର୍ ସବୁ ଜିଲ୍ଲା ଆଉ ସହରାଂଚଲ୍ ପୁଲିସ୍ ସକ୍ରିୟ ଭାବେ ସାମିଲ୍ ହେଇକରି ଇମାନ୍‌କୁ ଉଦ୍ଧାର୍ କରିଛନ୍ । ଇମାନ୍‌କର୍ ଭିତ୍‌ରେ ୭୭ ଝନ୍ ନାବାଲକ୍, ୭ ଶହ ୯ ଝନ୍ ନାବାଲିକା, ୪ ହଜାର୍ ୬ ଶହ ୬୫ ଝନ୍ ମହିଲା ଅଛନ୍ । ପୁଲିସ୍ ନିଖୋଜ୍ ଲୁକ୍‌କୁ ଉଦ୍ଧାର୍ କରିକରି ସେମାନ୍‌କର ପରିବାର୍ ଲୁକ୍‌କୁ ହସ୍ତାନ୍ତର୍ କରିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ନିର୍ଦ୍ଦେଶ୍‌ଥି ଗଲା ମାସ ୨୧ ତାରିଖ୍‌ନୁ ୩୦ ତାରିଖ୍ ଭିତ୍‌ରେ ଇ ଅପରେସନ୍ କରାଯାଇଥିଲା ।

କାର୍‌ୱାଁ ଟୁରିଷ୍ଟ୍ ସେବା            ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଏଜେ ଅତ୍ୟାଧୁନିକ୍ କାର୍‌ୱାଁ ଟୁରିଷ୍ଟ୍ ସେବାକେ ଲୋକାର୍ପଣ୍ କରିଛନ୍ । ଭୁବ୍‌ନେଶ୍ୱର୍ ଶାନ୍ତିସ୍ତୁପ ଧଉଳି ନ ୨ ନମ୍ବର୍ ଖେପ୍‌ର ଶୁଭାରମ୍ଭ କରିକରି ଶ୍ରୀମତୀ ପରିଡ଼ା କହିଛନ୍, ଇ କାର୍‌ୱାଁ ସବୁ ପର୍ଯ୍ୟଟନ୍ କ୍ଷେତ୍ରକେ ଲୋକ୍‌ମାନ୍‌କୁ ଆକର୍ଷିତ୍ କର୍‌ବା । ହୀରାକୁଦ୍, ଡେବ୍ରିଗଡ଼୍, ଶିମିଳିପାଲ୍, ଚିଲିକା, ଭିତର୍‌କନିକା,

ସାତକୋଶିଆ ଆଉ ଦେଓମାଳି ବାଗିର୍ ଜାଗା ମାନ୍‌କେ ଇଟା ମିଲ୍‌ବା । ଇ କାର୍‌ୱାଁଥି ଶୌଚାଳୟ, ଶୁଇବାର୍ ବ୍ୟବସ୍ଥା, ରନ୍ଧାଘର୍‌ର ବ୍ୟବସ୍ଥା କରାଯାଇଛେ । ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଭାଏବ୍ଲିଟି ଗେପ୍ ଫଣ୍ଡିଂ - ଭିଜିଏଫ୍ ଅଧୀନ୍‌ଥି ଇ ଅଭିଯାନ୍ ମୁଲ୍ ହେଇଛେ । ପହେଲା ଖେପେ ଇ କାର୍‌ୱାଁ ବାଲେଶ୍ୱର୍‌ର ତାଳସାରୀ ଯିବା ।

ଜଙ୍ଗଲ୍ ନିଆଁ- ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ଖରାମାସ୍ ଆଏବାର୍ ଆଘୋନୁ ଜଙ୍ଗଲ୍ ନିଆଁକେ ରୁକ୍‌ବାର୍ ଲାଗି ରାଜ୍ୟ ବନ ବିଭାଗ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ କରାଯାଇଛେ । ଜରୁରୀ ଜାଗା ମାନ୍‌କେ ଜଙ୍ଗଲ୍ ନିଆଁ ଉପ୍‌ରେ ନଜର୍ ରଖ୍‌ବାର୍ ଲାଗି ମିନି ଡ୍ରୋନ୍ ବେଭାର୍ କରାଯାଉଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ କେ. ମୁରୁଗେସନ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି କହିଛନ୍ । ଶିମିଳିପାଲ୍ ଆଉ ରାଉର୍‌କେଲା ନ କେମ୍‌ରା ଜରିଏ ଜଙ୍ଗଲ୍ ନିଆଁ ଉପ୍‌ରେ ନଜର୍ ରଖାଯିବା । ୩ ଶହ ୩୬ ଟା ଗାଁ ନ ଜଙ୍ଗଲ୍ ନିଆଁକେ ରୁକ୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ସଚେତନ୍ କରାଯାଇଛେ ।

ପୁଣ୍ୟତିଥି - ମଧୁବାବୁ ଆଇ.ଆଣ୍ଡ୍.ପି.ଆର୍

ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ ଥିଲେ ଓଡ଼ିଆ ଜାତୀୟତାର୍ ଜନକ ଆଉ ନବଜାଗରଣ୍‌ର ପ୍ରତୀକ୍ । ତାଙ୍କର୍ ଉତ୍ସର୍ଗୀକୃତ କାମ୍ ଲାଗି ଭାଷାଭିତିଥି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ ସମ୍ଭବ୍ ହେଇଥିଲା । ତାଙ୍କର୍ ପୂଣ୍ୟତିଥିଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସଖାଲୁ ତାଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ ଆଉ ଶ୍ରଦ୍ଧାଞ୍ଜଳୀ ଅର୍ପଣ୍ କରାଯାଇଛେ ।

ବିଶ୍ୱ କର୍କଟ୍ ଦିବସ          ଆର୍ଏନ୍‌ୟୁ ସମ୍ବଲପୁର୍

କର୍କଟ ରୋଗ୍‌ର କାରଣ୍ ଆଉ ନିରାକରଣ୍ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ କର୍କଟ ରୋଗ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବାର୍ତା ହେଉଛେ 'ଅନନ୍ୟତା ଭିତ୍‌ରେ ଏକତା' । ୨୦୦୦ ମସିହା ଫେବୃଆରୀ ୪ ତାରିଖ୍ ପେରିସ୍ ନ ପହେଲାଥର୍ ଲାଗି ବିଶ୍ୱ କର୍କଟ ରୋଗ୍ ଦିବସ୍ ପାଲନ୍ କରାଯାଇଥିଲା । ପ୍ରାରମ୍ଭିକ୍ ଅବସ୍ଥାଥି ରୋଗ୍ ଚିହ୍ନ୍‌ବାର୍ ଆଉ ଠିକ୍ ଚିକିତ୍ସା ଜରିଏ ଭଲ୍ ହେବାର୍‌ଟା ସମ୍ଭବ୍ ଆଏ ।

ବାଣିଶ୍ରୀ ଛାତ୍ରବୃତି          ଆର୍ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସାମାଜିକ୍ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବାଣିଶ୍ରୀ ଛାତ୍ରବୃତି ଯୋଜ୍‌ନାର୍ ବ୍ୟବସ୍ଥା କରାଯାଇଛେ । ଇଥିର୍‌ଲାଗି ଅନ୍‌ଲାଇନ୍ ଆବେଦନ୍‌ର ଶେଷ୍ ତାରିଖ୍ ଇ ମାସର୍ ୧୫ ତାରିଖ୍‌ତକ୍ ରଖାଯାଇଛେ । ଇଛୁକ୍ ଛାତ୍ରଛାତ୍ରୀମାନେ ssepd.odisha.gov.in ଥି ଆବେଦନ୍ କରିପାର୍‌ବେ ।

ନିଯୁକ୍ତି ମେଳା        ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଦକ୍ଷତା ବିକାଶ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଦେବ୍‌ଗଡ୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାକେ ଉଦ୍‌ଘାଟନ୍ କରିଥିଲେ । ମେଳାଥି ୩୨ ଟା ଷ୍ଟଲ୍ ଖୁଲାଯାଇଥିଲା । ୩ ଟା ବ୍ଲକ୍ ଆଉ ପୌର ପରିଷଦ୍‌ନୁ ମୋଟ୍ ୯ ଶହ ୬୮ ଝନ୍ ଭାଗ୍ ନେଇଥିଲେ ।

ବାବା କପ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ହାଇସ୍କୁଲ୍ ପଡ଼ିଆ ନ ବାବା ବୈଦ୍ୟନାଥ ଯୁବକ ସଂଘ ତର୍‌ଫୁ ଚାଲିଥିବା ବାବା କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଭଞ୍ଜ୍‌ନଗର୍ ଦଲ୍ ୩-୦ ଗୋଲ୍‌ଥି ସମ୍ବଲ୍‌ପୁର୍ ଦଲ୍‌କେ ହରେଇଛେ । ଆଏବା କାଏଲ୍ ପହେଲା ସେମିଫାଇନାଲ୍ ମେଚ୍ ଅନୁଗୁଲ୍ ଆଉ ଭଞ୍ଜନଗର୍ ଭିତ୍‌ରେ ଖେଲାଯିବା ।

ପିଏମ୍‌ଶ୍ରୀ ଉତ୍ସବ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ ହାଇସ୍କୁଲ୍ ପରିସର୍ ନ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପ୍ରଫେସର୍ ମହେନ୍ଦ୍ର କୁମାର୍ ମିଶ୍ରଙ୍କୁ ନୂଆପଡ଼ା ଜିଲ୍ଲାର୍ ପହେଲା ପଦ୍ମଶ୍ରୀ ପାଇଥିବା ବ୍ୟକ୍ତିବିଶେଷ୍ ଭାବେ ସମ୍ମାନିତ୍ କରାଯାଇଥିଲା ।